# ସାହିତ୍ୟ ଦର୍ପଣ



## ମହକିତ ମୋହ



ସୁଦର୍ଶନ ମହାପାତ୍ର

କେବେଠୁ ବାପା କହୁଥିଲେ ମୋ ଦେହ ଖରାପ ହେଲେ ଜମାରୁ କଟାକଟି କରିବ ନାହିଁ । ହସ୍ପିଟାଲ ବେଡ୍‌ରେ ଅରକ୍ଷିତଙ୍କ ଭଳି ପକେଇବ ନାହିଁ । ମୋ ଘର ଭଲ ତ ମୁଁ ଭଲ ।

ବାପା ଶୋଉଥିବା ରୁମ୍ ଏକରକମ ହସ୍ପିଟାଲ୍ ଚ୍ୟାମ୍ବରରେ ପରିଣତ ହୋଇଛି ଏବେ । ଘରକୁ ଡାକ୍ତର ଡକାହୋଇ ନିର୍ଦ୍ଦେଶ ମୁତାବକ ଦେହରେ ସାଲାଇନ କେତୋଟି ଏବଂ ଇଞ୍ଜେକସନ ଆଦି ଦେବାର ବ୍ୟବସ୍ଥା କରାଯାଇଛି । ହେଲେ ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥାର ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇନି ଏପର୍ଯ୍ୟନ୍ତ ବେଡ୍ ରେ ସେମିତି ଶୋଇ ରହିଛନ୍ତି ବାପା ।ଔଷଧ,ବେଡପ୍ୟାନ, ତାଙ୍କ ବ୍ୟବହୃତ ଲୁଗାପଟା ରୁ ନିର୍ଗତ ମିଳିତ ଗନ୍ଧର ମିଶ୍ରଣ କୋଠରି ସାରା ଖେଳି ବୁଲୁଛି ।

ରାତି ଅଧରେ ପେଚା ହୁଟ୍ ହୁଟ୍ ଶବ୍ଦ ଶୁଣି ଭୟରେ ଜଡସଡ ହୋଇଯାଏ ଆନନ୍ଦ । ଆକ୍ତାମାକ୍ତା ହୋଇଯାଏ ଭିତରେ ଭିତରେ ।ମୈତେ ବାପାଙ୍କ ପାଖକୁ ।ତା ଛାତିରେ ଡର ଭିଡିମୋଡି ହୁଏ । ବୋଉ ଥିଲେ ହୁଏତ ତା'ର ଏତେ ଡର ନଥାନ୍ତା । ସେ ତ ସେପାରି ଗଲାଣି ତିନି ବର୍ଷ ତଳୁ । ହୃଦଘାତରେ ହଠାତ୍ ବୋଉ ଚାଲିଯିବ ବୋଲି କିଏ ଜାଣିଥିଲା.. ?

ଏଇମାତ୍ର ବାପାଙ୍କ ପାଖରୁ ଆସି ବିଛଣାରେ ଟିକିଏ ଦେହ ଲୋଟାଇଥିଲା ଆନନ୍ଦ । ଶୁଭିଲା ବାପାଙ୍କ ରୁମ୍ ରୁ ଖସ୍ ଖସ୍ ଶବ୍ଦ ।ତା ପରକୁ ଶୁଭିଲା ମଧ କିଛି ଭୁଟ୍ ଭାଟ୍ ର ଶବ୍ଦ । ବୁଝିଲା ବାପା ପୁଣି ବାଉଳି ଚାଉଳି ହେଉଛନ୍ତି ।

ମନ ମାନିଲାନି ତା'ର । ପୁଣି ଥରେ ଗଲା ବାପାଙ୍କ ପାଖକୁ । ବାପାଙ୍କ ନିଶଂସୟ ମୁହଁରେ ଆଉ ସେ ତେଜ ଦେଖିପାରୁନଥିଲା ଆନନ୍ଦ । ବାପା ପୁଣି କିଛି ଶବ୍ଦ ଅସ୍ପଷ୍ଟ ଭାବରେ ଉଚ୍ଚାରଣ କଲେ । କାହା ସହିତ କଥା ହେଉଛନ୍ତି ବାପା ? ବୋଉ ସହ ? କିମ୍ବା ପିତୃପୁରୁଷଙ୍କ ସହିତ ? ସେମାନେ କ'ଣ ଆସିଛନ୍ତି ବାପାଙ୍କୁ ଭେଟିବା ପାଇଁ ?ଆଉ ହୁଏତ ଇହଲୋକରେ ବାପାଙ୍କର ଆଉ ବେଶୀ ଦିନ ନାହିଁ ।ମାୟା ମମତା ମୋହ କଟାଇ ସେ ପୁରକୁ ଚାଲିଯିବାର ସମୟ ବୋଧହୁଏ ଉପନୀତ ।

ବାପାଙ୍କ ଦେହ ଅସୁସ୍ଥ ଖବର ପାଇ ସାନଭାଇ ସୁନନ୍ଦ ଆଜି ସକାଳୁ ଆସିଛି ଆମେରିକାରୁ ।ତା' ସ୍ତ୍ରୀ ସହରି ଝିଅ । ଏଠିକାର ପାଣି ଦେହରେ ଯିବନି ବୋଲି ପାଣି ବୋତଲ କିଣି ଆଣିଛନ୍ତି ଆସିଲା ବେଳକୁ । ତା'ର କୁନିଝିଅକୁ ଇନଫେକସନ ହୋଇଯିବ ବୋଲି ଏ ଘରେ ରହିବାକୁ ତା'ର ଭାରି ଡର ।

ସୁନନ୍ଦ ଭଲ ପାଠ ପଢୁଥିଲା । ତା'ର ଶ୍ୱଶୁର ଜୋଇଁକୁ ଏକରକମ କିଣି ନେଇଯାଇଥିଲା କହିଲେ ଚଳେ । ଆମେରିକା ପଠେଇ ଦେଇଥିଲା ତାକୁ ସବୁ ବ୍ୟବସ୍ଥା କରି । ବାହାଘର ପରେ ସୁନନ୍ଦ ଅବଶ୍ୟ ଘରକୁ ଖବର ପଠାଇ ନିଜର ଦାୟିତ୍ୱ ନିର୍ବାହ କରିଥିଲା । ସେଇ ବର୍ଷ ବୋଉ ଚାଲିଗଲା ଯେ କ୍ରିୟା କର୍ମରେ ଯୋଗ ଦେଇ ପାରିନଥିଲା ସେ ।

ନିର୍ମଳା ଗରମ ପାଣି ଡେକଚିଏ ଖଟ ତଳେ ଥୋଇଦେଇ ଗଲା ଯେ ଆନନ୍ଦ ବୁଝିଲା ରାତି ପାହିଗଲାଣି ବୋଲି ।

ବାପାଙ୍କୁ ଏବେ ଟିକିଏ ପୋଛାପୋଛି କରିଦେବ ବୋଲି ତତ୍ପର ହୋଇ ପଡିଲା । ବାପାଙ୍କ ଲୁଗା ଖଣ୍ଡେ ବି ମଶାରୀ ବାଡ଼ ଉପରେ ଆଣି ଥୋଇଦେଲା ନିର୍ମଳା । ଆନନ୍ଦର ହାତ ଧରି ଏ ଘରକୁ ଆସିଲା ଦିନରୁ ନିର୍ମଳା କେବେ ଶାଶୁ ଶ୍ୱଶୁରଙ୍କ ସେବା ଯତ୍ନରେ ଅବହେଳା କରିନି ।ତା ସହିତ ଘରର ଯାବତୀୟ କାମ ତା ହାତରେ । ଶାନ୍ତିରେ ଘଡ଼ିଏ ନିଶ୍ୱାସ ମାରିବାକୁ ତାକୁ ସମୟ ନଥାଏ । ଆନନ୍ଦ ପରି ଗୋଟିଏ ଦରଶିକ୍ଷିତ ପୁଅକୁ ବାହା ହୋଇ ଘର ଜଞ୍ଜାଳରେ ଛନ୍ଦି ହେବାକୁ କାହିଁକି ମନକଲା କେଜାଣି ? ଯଦିଓ ଶ୍ୱଶୁର ଓ ତା ବାପା ଦୁହେଁ ବନ୍ଧୁ, ସେମାନଙ୍କ କଥାକୁ ମାନିନଥିଲେ ବି ଚଳିଥାନ୍ତା । ସେମାନେ ଏମିତି ବାଧବାଧକତା କରିନଥିଲେ ବି ।

ଆନନ୍ଦ ବାପାଙ୍କୁ ପୋଛାପୋଛି କରିଦେଇ ଲୁଗାପଟା ବଦଳେଇ ସାରିଥିଲା । ନିର୍ମଳା କ'ଣ ଟିକିଏ ଗୋଳେଇ ବାପାଙ୍କୁ ଖୋଇଦେବାକୁ ଆସିଲା ତ ଆନନ୍ଦ ଟିକିଏ ଘୁଞ୍ଚି ବସିଲା ବାପାଙ୍କ ପାଖରୁ ।

ଆନନ୍ଦର ମନେ ପଡିଲା ପୁରୁଣା କଥା । ସେଦିନ ବାପା ଘରେ ପାଦ ଦେଉଁ ଦେଉଁ ବୋଉକୁ କହିଲେ-' ଜାଣିଛ,ସୁନନ୍ଦ ଆମର ଆମେରିକା ଯାଉଛି ? ଗାଁ ଲୋକେ କହୁଛନ୍ତି ଏମିତିକା ପୁଅ ଭାଗ୍ୟରେ ଥିଲେ ମିଳେ । ତାକୁ ପାଇ ଆମେ ଧନ୍ୟ ହୋଇଛେ ।'

ବୋଉ କିଛି ଉ ର ଦେଇନଥିଲା ବାପାଙ୍କ କଥାରେ । ବାପା ପୁଣି କହିଲେ -' ହେଲେ ତୁମର ଏ ବଡ଼ପୁଅ ! ନାଁଟା ଖାଲି ଯାହା ଆନନ୍ଦ । ହେଲେ ତା ଭାଗ୍ୟ ମନ୍ଦ ।ଅଧାରୁ ପାଠପଢ଼ା ଛାଡି ଚାଷବାସ କଥା ବୁଝିଲା । କୁଳାଙ୍ଗାର ଟା... !'

ଏଥର ବୋଉ ଚିହିଁକି ଉଠିଲା ।

-' ତୁମ ପୁଅ ଆମେରିକା ଯାଉଛି ତ ତୁମେ ଗାଁ ଦାଣ୍ଡରେ ନିଶ ମୋଡ଼ି ଚାଲ । ମୋ ଆନ( ଆନନ୍ଦ) ମୋ ପାଖରେ ଥାଉ ।ଦେଖିବ ରୁହ ଆମ କଥା ସେଇ ହିଁ ଏକା ବୁଝିବ ।'

ବୋଉ ସେତେବେଳକୁ ଆନନ୍ଦର ମଥା ଆଉଁଶି କେତେ କ'ଣ କଲ୍ୟାଣରେ ପୋତି ପକଉଥିଲା ।ବୁଝାଇଲା ଭଳି କହିଥିଲା

-' ତୋ ବାପା ସିନା ଉପରକୁ ଏତେ ଟାଣ, ହେଲେ ତୋତେ ସେ ବହୁତ ଭଲ ପାଆନ୍ତି ।ତୁ ଭଲ ପଢି ଚାକିରି କରିଥିଲେ ତୋ ଉନ୍ନତି ଦେଖି ଖୁସି ହୋଇଥାନ୍ତେ । ସେଥିପାଇଁ ତାଙ୍କ ମନଦୁଃଖ ।'

ତା ଦେହ ମୁହଁକୁ ବୋଉ ପୋଛି ପକଉଥିଲା ଲୁଗା କାନିରେ ।

ଏମିତି ଭାବନା ଭିତରେ ଆନନ୍ଦ କୃତ୍ୟ କୃତ୍ୟ ହୋଇ ପଡୁଥିଲା ।

ସେଇଦିନ ସନ୍ଧ୍ୟାରେ ଆନନ୍ଦ ବସିଥିଲା ବାପାଙ୍କ ପାଖରେ ।

-' ତାକୁ ବିଦା କଲୁ ଆମ ଘରୁ ।'

ବାପାଙ୍କ ସ୍ୱର ଶୁଣି ଆନନ୍ଦ ବୁଝିଲା ଯେ ବାପା ବାଉଳି ଚାଉଳି ହେଉଛନ୍ତି ।

-' କାହାକୁ ବାପା ?' ଆନନ୍ଦ ର ଭୟା ୍ତ ସ୍ୱର ।

-' ଆରେ ସେଇମାନେ ଯିଏ ଆସିଛନ୍ତି , ପଚାରି ବୁଝ, ସେମାନେ କାହିଁକି ଆସିଛନ୍ତି ?'

ଆନନ୍ଦ ଉଦବିଗ୍ନତାର ସହିତ ଆଖି ମୁଦି ଶୋଇଥିବା ବାପାଙ୍କୁ ଦେଖୁଥିଲା । ବାପାଙ୍କ ଓଠ କିନ୍ତୁ କିଛି କହିଲା ଭଳି ଦିଶୁଥିଲା ।

-' କେହି ତ ଆସିନାହାନ୍ତି । ଆଉ କ'ଣ କହୁଚ କି ବାପା ?'

-' ଚାବିଟା ଆଲମିରାର ଉପର ଥାକରେ ଅଛି ।' ଆନନ୍ଦ ଶୁଣିଲା ବାପାଙ୍କ ସ୍ପଷ୍ଟ ସ୍ୱର । ବାପାଙ୍କ ପାଦ ଥଣ୍ଡା ଥଣ୍ଡା ଲାଗୁଥିଲା ତ ତାଙ୍କ ପାଦରେ ଉଷୁମ ତେଲ ଟିକିଏ ମାଲିସ କରୁ କରୁ ଟିକିଏ ଧିମେଇ ଗଲା । ପୁଣି ବାପା କିଛି କହୁଛନ୍ତି କି ? ହେଲେ ବାପା ଚୁପ୍ ଥିଲେ ।

କେଉଁ ଚାବି ? କେଉଁଠି ତାଲା ପଡିଛି ? କ'ଣ କହିବାକୁ ଏବେ ବାପା ଚାହୁଁଛନ୍ତି ?ସୁନନ୍ଦ ଭାବି ବାପା କ'ଣ କହୁଥିଲେ କି ? ହୁଏତ ସୁନନ୍ଦ ଜାଣିଥିବ ଏଇ ଚାବି ବିଷୟରେ । ହେଲେ ସେ ତ ତା ଶ୍ୱଶୁର ଘରକୁ ପଳେଇ ଗଲାଣି ।ସୁନନ୍ଦ ଆସିବାର ଚାରି ଦିନ ହୋଇଯାଇଥିଲା ଯା ଭିତରେ । ବାପାଙ୍କର ଶେଷ ସମୟ ଉପନୀତ ଭାବି ସେ ଆସିଥିଲା । ହେଲେ ବାପା ସେଇ ଏକା ଅବସ୍ଥାରେ ଏପର୍ଯ୍ୟନ୍ତ ଥିଲେ ତ ତା'ର ଧୈର୍ଯ୍ୟଚ୍ୟୁତି ଘଟିଲା । ପଳେଇଗଲା ଶ୍ୱଶୁର ଘରକୁ ।

ନିର୍ମଳା ଆସିଲା ସେ ଘରକୁ ବାପାଙ୍କୁ ଫଳରସ ଟିକିଏ ପିଆଇ ଦେବ ବୋଲି । ଆନନ୍ଦ ଦାଣ୍ଡ ପଟକୁ ଆସିଲା । ସେବତୀ ଗଛ ମୂଳରେ ଯାଇ ବସିଲା, ଯେଉଁଠି ବୋଉ ବସେ ବେଳେ ବେଳେ ।

ହଠାତ୍ ଆନନ୍ଦକୁ ଶୁଭିଲା ଗୋଟିଏ ଗମ୍ଭୀର ସ୍ୱର ।

-' ଆ ମୋ ସାଙ୍ଗରେ ।' ଛାନିଆ ହୋଇଗଲା ଆନନ୍ଦ ।

ଏଇତ କିଛି ସମୟ ଆଗରୁ ବାପାଙ୍କୁ ଟସର ଚାଦର ଟିଏ ଘୋଡେଇ ଦେଇ ମୁଣ୍ଡରେ ମଫଲର ବାନ୍ଧି ଦେଇ ଆସିଥିଲା । ସେସବୁ ତ ସବୁ ଠିକ୍ ଠାକ୍ ଦେହରେ ଅଛି । ହେଲେ ବାପା ହଠାତ୍ ଚାଲି ପାରିଲେ କେମିତି ?

-' ଟିକିଏ ରହ ।ତୋ ବୋଉ ଆସୁ ଯିବା ।'

ଏ ଘଟଣା ଆନନ୍ଦକୁ ଆହୁରି ବିଭ୍ରାନ୍ତ କଲା । ସତକୁ ସତ କ'ଣ ବୋଉ ଆସୁଛି ?

ହଁ ତ ! ବୋଉ ପିନ୍ଧିଛି ସେଇ ସମ୍ବଲପୁରୀ ପାଟ ଯାହାକୁ ପିନ୍ଧି ସେଦିନ ବାହାରିଥିଲା ଶିବ ମନ୍ଦିର । ସେଇ ସମୟରେ ହିଁ ତା'ର ଛାତିରେ କଷ୍ଟ ହେଲା ।ଆଉ ଡାକ୍ତରଖାନା ରେ ଶେଷ ନିଃଶ୍ୱାସ ଛାଡ଼ିଲା ଚିକିତ୍ସା ଆରମ୍ଭ ହେବା ପୂର୍ବରୁ... !

-' ଯାହା ହେଉ ଏଇ ଶାଢ଼ୀଟା ପିନ୍ଧି ଆସିଛ ! ଏଇଟାକୁ ମୁଁ ଆଣିଥିଲି ନା ଦୁର୍ଗାପୂଜା ସମୟରେ ?' ହସି ହସି କହିଲେ ବାପା ।

-' ତୁମେ ଆଣିଥିଲ ନା ଆଉକିଛି ? ବୟସ ହେଲଣି ତ କିଛି ମନେ ରହୁନି ତୁମର ।ଏଇ ଶାଢ଼ୀଟା ମୋ ପୁଅ ଆନ ଧାନ ବିକ୍ରି ପଇସାରେ ଆଣିଥିଲା ପରା !'

ଓହୋ, ବାପା ବୋଉଙ୍କର ଏରକମ କଥା କଟାକଟି ଏଯାଏଁ ଛାଡ଼ ଗଲାନି ?ମନେ ମନେ ହସିଲା ଆନନ୍ଦ ।

ବାପା ବୋଉଙ୍କ ପଛେ ପଛେ ଚାଲିଲା ଆନନ୍ଦ । ସେମାନେ ସେଇ ଆଲମିରା ପାଖରେ ପହଁଚିଲେ । ବାପା ଆଲମିରାର କବାଟ ଧିରେ ଖୋଲି ଉପର ଥାକରେ ଥିବା ବହି ଥାକ ପଛରୁ ଚାବିଟିଏ ବାହାର କରି ଆଣିଲେ । ପୁଣି ନଇଁପଡ଼ି ଆଲମିରାର ସବା ତଳ ଥାକ ଉପରୁ ପେପର ଖଣ୍ଡିକ ଉଠାଇ ଚାବିକାଠି ଲଗାଇ ଡାଙ୍କୁଣି ଟିକୁ ଉଠାଇଲେ ।

ସତେ କି ମେଜିକ ଦେଖୁଛି ଆନନ୍ଦ ! ଆଲମିରା ଭିତରେ ବାକ୍ସ ଭଳି ସିଷ୍ଟମ ଅଛି ବୋଲି ସେ ଜାଣି ନଥିଲା ଏଯାଏଁ । ବୋଉ ଏଇ ଆଲମିରା ଟିକୁ ଯୌତୁକ ରୂପରେ ଆଣିଥିଲା । ଏଇ ଆଲମିରା ଟିକୁ ଖୋଲିବା ପାଇଁ କେବେ କାହାର ସାହସ ହୋଇ ନଥିଲା ବାପାଙ୍କ ନିଷେଧାଦେଶ ପାଇଁ ।

ବାପା ମୁହଁରେ ହସ ଫୁଟାଇ ଆନନ୍ଦ କୁ ଦେଖେଇଦେଲେ ଘର ଆଉ ଜମିବାଡ଼ି ସଂକ୍ରାନ୍ତିୟ କାଗଜ ପତ୍ର ।ଆନନ୍ଦ ନୋମିନି ଥିବା ବ୍ୟାଙ୍କ ଫିକ୍ସଡ ଡିପୋଜିଟର ସାର୍ଟିଫିକେଟ କେତୋଟି । ଦେଖେଇ ଦେଲେ ବି ସେଥିରେ ଥିବା ଗହଣାପତ୍ର ଇତ୍ୟାଦି ଗୋଟି ଗୋଟି କରି । ପୁଣି ବନ୍ଦ କରିଦେଲେ ଡାଙ୍କୁଣି ଟିକୁ ଆଉ ତାଲା ପକେଇ ଚାବି ଧରେଇ ଦେଲେ ଆନନ୍ଦକୁ ।

ମନ୍ତ୍ରବତ୍ ଚାବିଟିକୁ ପ୍ୟା[ ପକେଟରେ ରଖିଦେଲା ଆନନ୍ଦ ।

-' ତୋରି ପୁଅ ହୋଇ ମୁଁ ଏ ଘରକୁ ପୁଣି ଆସିବି ।ତୁ ତ ତୋ ବୋଉର ଗୁଣ ନେଇଛୁ ।ନିର୍ମାୟା, ନିରୀହ ଟିଏ । ମୁଁ ନ ଆସିଲେ ଏ ଘର କିଏ ସମ୍ଭାଳିବ ?' କହିଲେ ବାପା ।

-' ତୁମର ଆନ ଉପରେ କେତେ ମୋହ ମୋ ଛଡା ଆଉ କିଏ ଜାଣିଛି ? ଉପରକୁ ସିନା ତା ଉପରେ ଗରଗର !ହଉ ଶୁଣ, ତୁମେ ଏ ଘରକୁ ଆସିବ ତ , ମୁଁ ସେଇ ଯେଉଁ ସାବିତ୍ରୀ ଯାହା ସାଙ୍ଗରେ ତୁମର ବାହାଘର ପ୍ରସ୍ତାବ ପଡ଼ିଥିଲା,ତା'ରି ନାତୁଣୀ ହୋଇ ଜନ୍ମ ହେବି । ପୁଣି ଏ ଘରକୁ ବୋହୁ ହୋଇ ଆସିବି ।'

ହସି ହସି କହିଲା ବୋଉ ।

ବାପା ବି ହସିଲେ ।

ହଠାତ୍ ଦୁହେଁ କୁଆଡେ ଅନ୍ଧାରରେ ମିଳେଇ ଗଲେ ଯେ ଆନନ୍ଦ ହାଁ ହୋଇ ସେମାନେ ଠିଆ ହୋଇଥିବା ସେ ଜାଗାକୁ ଦେଖୁଥିଲା ।

ତା'ର ଆଖି ଲାଗିଯାଇଥିଲା କିଛି କ୍ଷଣ ପାଇଁ ଆଉ ସ୍ୱପ୍ନ ଦେଖିଥିଲା ବୋଲି ବୁଝି ପାରିଲା ଆନନ୍ଦ । ଏତିକି ବେଳକୁ ଘର ଭିତରୁ ଶୁଭିଲା ତାକୁ କାନ୍ଦ ସ୍ୱର । ନିର୍ମଳା କାନ୍ଦୁଛି ! ଧାଇଁଲା ସେ ଘର ଭିତରକୁ । ବାପା ସ୍ଥିର ଦିଶୁଛନ୍ତି ।

ଆନନ୍ଦ ଜାଣିଲା, ବାପା ଆଉ ନାହାନ୍ତି ।

ସଙ୍ଗେ ସଙ୍ଗେ ଫୋନ୍ ଲଗେଇଲା ସେ ସୁନନ୍ଦ ପାଖକୁ । ସୁଇଚ୍ ଅଫ୍ ଜାଣିଲା । ନିର୍ମଳା ଫୋନ୍ ଲଗେଇଲା ସୁରଭି ( ସୁନନ୍ଦ ର ସ୍ତ୍ରୀ) ପାଖକୁ । ତା'ର ଫୋନ୍ ସୁଇଚ୍ ବି ଅଫ୍ । ଶେଷକୁ ସୁନନ୍ଦ ଶ୍ୱଶୁରଙ୍କ ପାଖକୁ ଫୋନ୍ ଲଗେଇଲା ଆନନ୍ଦ । ଆନନ୍ଦ କିଛି କହିବା ପୂର୍ବରୁ ଶୁଣିଲା -' ସେମାନେ ଆମେରିକା ଯାଉଛନ୍ତି ।ଏବେ ଫ୍ଲାଇଟ ରେ ଅଛନ୍ତି । ଫୋନ୍ ଲାଗିବ ନାହିଁ ।'

-' ବାପା ଚାଲିଗଲେ ।' ଆନନ୍ଦ ତାଙ୍କୁ ଜଣାଇଲା ଆଉ ଫୋନ୍ କାଟିଲା ।

ମୋବାଇଲ କୁ ପକେଟରେ ରଖିଲା ବେଳକୁ ଆନନ୍ଦ ର ହାତରେ ବାଜିଲା ଚାବିକାଠି ଟି !

*କୁଞ୍ଜବିହାରୀ ଲେନ, କଟକ*
*ମୋ : ୯୪୩୮୧୭୫୫୪୨*

## ଶିଶୁ

*ଆଦ୍ୟାଶା ମହାପାତ୍ର*



ଶିଶୁ ହସିଲେ ଦୁନିଆ ହସେ
ସେ ପରା ଆଗାମୀ କାଲିର
ମନୋରମ ସକାଳ
ଶିଶୁ ଫୁଲ ପରି କୋମଳ
ମହମ ପରି ନରମ
ମଧୁ ଠୁ ମଧୁର
ବଣ ଝରଣା ପରି
ସଦା କଳକଳ ସଦା ଛଳଛଳ
ଶିଶୁର ଦରୋଟି
ମାଆର ଜୀବନ ସାରାଂଶ
ବାପାର ଗର୍ବ ଓ ଗୌରବ
ଏ ସୃଷ୍ଟିର ଶୋଭା, ସୌରଭ

ଶିଶୁ ଫୁଲର ସୁରଭି
ସଂସ୍କୃତିର ଛବି
ସଭ୍ୟତାର ରବି
ସେ ଜାତିର ଅମୂଲ୍ୟ ବୈଭବ
ଶିଶୁ ସ୍ୱପ୍ନରେ ଗଢା ହୁଏ
ଆସନ୍ତାକାଲିର ଇମାରତ୍

ଶିଶୁ ପକ୍ଷୀର ଭାଷା ବୁଝେ
ପ୍ରଜାପତି ସହ ଭାବ କରେ
ବଗିଚାକୁ ନିମନ୍ତ୍ରଣ କରେ
ଧୂଳି ମାଟିକୁ ଖେଳ ସାଥି କରେ
ତା ଗୁଡ଼ି କୁ ଉଡେଇବାକୁ
ପବନ କୁ ଉସକାଏ

ଶିଶୁ ଶାଶ୍ୱତ ସୁନ୍ଦର ପବିତ୍ର
ଶିଶୁ ଈଶ୍ୱରୀୟ ସତା
ଶିଶୁ ଦୁନିଆର ଶ୍ରେଷ୍ଠ ଇପ୍ସିତ... ! ! !

*ନୂଆପଡା, କଟକ*

## ନୀରବତା

*ରତ୍ନକାନ୍ତି ମିଶ୍ର*



ନୀରବି ଯାଇଥିବା
ଶବ୍ଦମାନେ
ବେଳେ ବେଳେ
କରାଘାତ କରନ୍ତି
ହୃଦୟ ଦରଜାରେ
ନୀରବତାର
ଢେଉ ପଛର ଚିତ୍ର
ମାନସ ପଟରେ ଉଙ୍କି ମାରେ
ସ୍ୱର୍ଗ ଓ ମର୍ତ୍ତ୍ୟ ମାପି
ଅଣଓସାରିଆ ରାସ୍ତା ଦେଇ
ନିଜର ପାଦଶବ୍ଦରେ
ମୁଖରିତ କରନ୍ତି
ସାରା ବ୍ରହ୍ମାଣ୍ଡକୁ

ନୀରବତାର ବି ଭାଷା ଥାଏ
ବିଦାରି ପାରେ
କୋମଳ ଗ୍ରନ୍ଥିକୁ
କହିପାରେ
ଆଖିରେ ଆଖିରେ
ଅନେକ ବେଦନାର ପଂକ୍ତି
କରିପାରେ
ସମାଧାନର ଚୁକ୍ତି

ନୀରବତା ବେଳେ ବେଳେ
ଜ୍ୱଳନର ସଳିତାରେ
ବହଳେ ଅନ୍ଧାର ଧରି
ଖୁସିର ସ୍ୱର୍ଣ୍ଣାଭ ଅନଳକୁ
ବିସ୍ତାରୁଥାଏ
ଶାଶ୍ୱତ ପ୍ରୟାସରେ... ! ! !

*ଆଳି, କେନ୍ଦ୍ରାପଡା*

## ତଥାପି ନିଜର ଲାଗେ

*ନିରଞ୍ଜନ ସାହୁ*



ଦିନଥିଲା ଦିନେ ସିଏ କହୁଥିଲା
ମୁହିଁ ହେବି ଆପଣାର
ଆଜି ତାହା କଥା ଲାଗୁଅଛି ସତେ
ପାଣି ଦେହେ ଟଣା ଗାର ।
କେତେ ପରକାରେ ପ୍ରଭାବିତ କରି
ଦିନ ନେଇଥିଲା ହରି
ଏମିତି କରିବା ସେମିତି କରିବା
ଯିବାନି କାହାକୁ ଡରି
ଠିକଣା ବେଳକୁ ଠକିଦେଇ ସିଏ
ତା ବାଟେ ହୋଇଲା ପାର ।
ସରଳ ଭାବରେ ବିଶ୍ୱାସ ଜନ୍ମାଇ
ସହଜରେ ଦେଲା ଠକି
ସେହିଦିନ ଠାରୁ ଏକା ଏକା ଚାଲି
ପଡିଗଲିଣି ମୁଁ ଥକି
ସିଏ ସାଜିଅଛି ଏଇନେ କାହାର
ଗଳାରେ ଗଜରା ହାର ।
ବେଳେବେଳେ କିନ୍ତୁ ଅବେଳରେ ସିଏ
ମାନସ ପଟକୁ ଆସେ
ସିଏ ଆସିଗଲେ ମନରେ ମୋହରି
ମାଦକତା ପରକାଶେ
ତାହାରି ସ୍ମୃତିରେ ବିଭୋର ହୁଏ ମୁଁ
ସିଏ ମାରେ ଆଖିଠାର ।
କାହାର ଖବର କିଏ ରଖିନାହିଁ
ତଥାପି ନିଜର ଲାଗେ
କାହିଁକି କେଜାଣି ଏମିତି ହୁଅଇ
ସିଏ ଦିଶେ ଆଖି ଆଗେ
ଅତୀତଟା ଯେବେ ଆନମନା କରେ
ଝରିଯାଏ ଲୁହ ଧାର ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ସାରାଂଶ

*ସୁଧାକର ରାଉତ*



ପୁଣି କାହିଁ ଡାକୁରେ ଜୀବନ
ସବୁ ତ ଯାଇଛି ସରି
ଉଜୁଡ଼ି ଯାଇଛି ବି ମୋ ମନ ବନ
ସଜାଡିବାଟା ଖାଲି ପ୍ରହସନ ।
ଶୁଖିଲା ପତ୍ରଟେ ହୋଇ
କେତେ ବା ଲଟକିବି ଡାଳେ
ମୋ ସାଥିରୁ କେତେ ଖସିଲେ ଅବେଳେ
ବରଂ ଭଲ ଲୋଟିଯିବା ତଳେ ।
ନିଜକୁ ଖୋଜିବି ଭୂଇଁରେ
ହିସାବ ନିକାସ କରିବି
ସୁଖ ଦୁଃଖ ସବୁ ବଂଚିବାରେ
ପୁଣି ଆତ୍ମବିଭୋର ହେବି
ଅପ୍ରଭାବିତ ମନରେ ।
ଝୁଂଟି ପଡ଼ିବାର ଆଶଙ୍କା
ଯନ୍ତ୍ରଣା ସହିବାର ଶଙ୍କା
ବାଡିଟିରେ ଭରା ଦେଇ
ଦେଖାଇବାକୁ ନିଜର ସାମର୍ଥ୍ୟ
ଆଉ ବୋଧେ ନାହିଁ ରେ ଜୀବନ ।
ଏବେ ସାରାଂଶର ଅନ୍ୱେଷଣେ
ଧାବିତ ବିବେକ ପ୍ରତିକ୍ଷଣେ
ଅଚିହ୍ନା ମୁହଁରେ
ପରିଚୟର ସ୍ୱାକ୍ଷର ହଜିଯାଏ
କେଉଁ ଅନ୍ଧାରିଆ କୋଣେ ।
ଅନୁତାପ ର ଅଶ୍ରୁ
ସାନ୍ତ୍ୱନାକୁ ଯାହା ନିଜର ମଣେ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## ବାପା

*ରାମଚନ୍ଦ୍ର ବେହେରା*



ତପ୍ତ ନିଦାଘର ବୃକ୍ଷ ଛାୟା ତୁମେ
ବର୍ଷାର ଅମୃତ ଧାରା
ଶରତର ତୁମେ ନିରିମଳ ଶୋଭା
ହେମନ୍ତ କୋମଳ ଖରା ।
ଧର୍ମ ଦୁନିଆଁର ବହିଟିଏ ତୁମେ
ଭିନ୍ନ ଭିନ୍ନ ତୁମ ପୃଷ୍ଠା
କେବେ ସାଜ ତୁମେ ସରଳ ନିଷ୍ପାପ
କେବେ ଗୋଲାପର କଂଟା ।
ଆପଦରେ ତୁମେ ସାଜ ମହାମେରୁ
ଦୁଃଖ ନଛୁଅଁଇ ପାଶ
ଆନନ୍ଦରେ ତୁମ ମୁଖ ମଣ୍ଡଳରେ
ଛୁପି ଶୋଭାପାଏ ହସ ।
ପରିବାର ବୋଝ ସାଥେ ନେଇ ଚାଲ
ଝୁଂକେ ନାହିଁ ତବ କାୟ
ତୁମ ଶୁଭାଶିଷ ମୋ ସଂଘର୍ଷ ପଥେ
ଦିଅଇ ସଦା ବିଜୟ ।
ଶୀତ କାଳେ ସାଜ ଧୂନି ନିଆଁ ତୁମେ
ବସନ୍ତେ ମଳୟ ବାଆ
ତୁମ ଇଂଗିତରେ ଅଦମ୍ୟ ସାହସ
ମୋ ହୃଦୟେ ହୁଏ ଠିଆ ।
ବାଳୁତ କାଳରୁ ଅନୁସରି ତୁମେ
ପାଇଛି ସଂସାର ଜ୍ଞାନ
ତୁମ କୁହା କଥା କେବେ ନୁହଁ ମିଥ୍ୟା
ସଫଳତା ଦିଏ କର୍ମ ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ଜୀବନ ଦୀପ

*ବିଜୟ କୁମାର ଛାଟୋଇ*

ସମସ୍ତେ କହିବେ ଦୀପ ଲିଭିଗଲା
ଆଉ ତ ଜଳିବ ନାହିଁ
କାହିଁକି ସମୟ ନଷ୍ଟ କରୁଅଛ
ଲିଭିବା ଦୀପକୁ ଚାହିଁ
ଆଗକୁ କଅଣ କରିବାକୁ ହେବ
କୁହ ଏବେ ଜଣ ଜଣ ।
ଦୀପ ଲିଭିଗଲେ ଘରେ ଚାଲୁଥିବ
ବଡ଼ ଆଲୋଚନା ପର୍ବ
ଦୀପ ଲିଭିଗଲେ କିଏ ଖୁସି ହେବ
କିଏ ବି କରିବ ଗର୍ବ
କିଏ କହୁଥିବ ଅଲିଭା ଦୀପ ଏ
ସାମାନ୍ୟ ବୋଲି ନ ମଣ ।
ଦୀପ ଲିଭିଗଲେ ପୋଡା ସଳିତାଟି
ମହକାଇ ଦେଇ ଯିବ
ସେ ମହକ ଯିଏ ଆଘ୍ରାଣ କରିବ
ସିଏ ନିଶ୍ଚେ କହୁଥିବ
ଜଳିଜଳି ଆଜି ନିର୍ବାପିତ ହେଲା
ହୋଇନାହିଁ ଅକାରଣ ।
ଦୀପ ଲିଭିବାଟା ଯଦି ହୋଇଥାଏ
ଏହି ଜଗତର ଧର୍ମ
ପ୍ରଜ୍ୱଳିତ ଦୀପଶିଖା ଲିଭିଯିବ
ବୁଝି ଏ କଥାର ମର୍ମ
ବାସ୍ନାୟିତ କରିଦେଇ ଲିଭିବାକୁ
ସବୁ ଦୀପ କର ପଣ ।

*ସାକ୍ଷୀଗୋପାଳ*
*ପୁରୀ*

## ମୋ ଗାଁ

*କବି କେଶବ ଚନ୍ଦ୍ର ନାୟକ*



ମୋ ଗାଁ ମାଟି ଚନ୍ଦନ ଠୁ ବଳି
ଅଙ୍ଗେ ଅଙ୍ଗେ ବୋଳି ହୋଇ
ଶୈଶବ ମୋହର ବିତିଛି ତା କୋଳେ
ତାକୁ ପାଶୋରିବି ନାହିଁ ! !
ଝର ଝର ଝରେ ପାହାଡି ଝରଣା
ପବିତ୍ର କି ଗଙ୍ଗା ଜଳ
ସୁଦ୍ଧ ସ୍ନାନ କଲେ ଭରି ଦିଏ ମନେ
ଆନନ୍ଦ ଉଲ୍ଲାସ ବଳ ! !
ମୋ ଗାଁ ସୁନ୍ଦର ଆମ୍ବ ନାରିକେଳ
ମଲ୍ଲି ମାଳତୀର ବାସ
ତଡାଗେ ସରାଗେ ନାଚେ କୁମୁଦିନୀ
ଜହ୍ନ ସାଥେ ପ୍ରୀତି ହସ ! !
ଧାଡ଼ି ଧାଡି ନଡ଼ା ଛପର କୁଟୀର
ପଲ୍ଲୀ ଜୀବନର ଚିତ୍ର
ଚାଳିଆ ଉପରେ ମାଡି ମାଡି ଯାଏ
ଲାଉ ଡଙ୍କ ଫୁଲ ପତ୍ର ! !
ଗାଈ ବାଛୁରୀ ର ମମତା ମଧୁର
ସୁନ୍ଦର ତା ପ୍ରତି ଛବି
ହମ୍ବା ରଡି ଛାଡି ବାଛୁରୀ ନାଚଇ
କି ବର୍ଣ୍ଣି ପାରିବ କବି ! !
ଗୋମୟକୁ ନେଇ ଘରର ଘରଣୀ
ଘର ଲିପା ପୋଛା କରେ
ଅରୁଆ ଚାଉଳ ବାଟି ଝୋଟି କାଟି
ଚାରୁ ଚିତ୍ରପଟ କରେ ! !
ଗାଁ ର ମଣିଷ ନିରିହ ସରଳ
ପାପ ତାପ ଶୂନ୍ୟ ମନ
ବଡ ସାନ ଉଚ୍ଚ ନୀଚ୍ଚ ମଣେ ନାହିଁ
ସଭିଏଁ ଆପଣା ଜନ ! !
ସ୍ୱାର୍ଥ ଶୂନ୍ୟ ଏଠି ପୂଣ୍ୟର ପାହାଡ
ପରସ୍ପର ସ୍ନେହ ଶ୍ରଦ୍ଧା
ଜଣଙ୍କ ନେତ୍ରରେ ଅଶ୍ରୁ ନିଗିଡିଲେ
ପଚାରନ୍ତି ଅସୁବିଧା ! !
ଅଭାବ ଏଠାରେ ଆକାଶ ଭରତି
ତଥାପି ଶୋଚନା ନାହିଁ
ଗାଁ ର ମମତା ମିଳିବ କେଉଁଠି
ଏଇତ ସରଗ ଭୂଇଁ ! !
ମୋ ଗାଁ ରେ ଚାଲେ କେତେ ଓଷା ବ୍ରତ
ମଧୁମୟ ମୋର ଗାଁ
ପ୍ରୀତି ପିୟୁଷର ଅମୃତ କଣ୍ଠରେ
କଳକଣ୍ଠ ଜପେ ନାଁ. ! !
ମୋ ଗାଁ ମନ୍ଦିରରେ ଜଗନ୍ନାଥ ସ୍ୱାମୀ
ଶୁଣନ୍ତି ସକଳ ଦୁଃଖ
ବିପଦ ଆପଦେ ହର ହର ଦେବ
ହରନ୍ତି ସନ୍ତାପ ଶୋକ.. ! !

*(ସଭାପତି, ଉତ୍କଳ ସାହିତ୍ୟ ସଂସଦ,*
*ମାଲକାନଗିରି)*
*ମୋନ:୯୪୩୭୭୭୯୪୪୭*

## ନିଃସଙ୍ଗ ଜୀବନ



ସୁଚରିତା ମହାନ୍ତି

ଦୁହେଁ ଏବେ ଗୋଟିଏ ଛାତ ତଳେ ରହୁଛନ୍ତି,ଏକାଠି ଖାଉଛନ୍ତି,ଏକାଠି ବୁଲୁଛନ୍ତି ।

ବାରଣ କରିବାକୁ କେହି ନାହିଁ ।ବୟସର ଅପରାହ୍ନରେ ପହଁଚିବାପରେ ଡର କାହାକୁ ନା ଭୟ କାହାକୁ ।ଯିଏ ପ୍ରଥମରୁ ଅନ୍ୟମାନଙ୍କ କଥା ଭାବି ନାହାନ୍ତି କି ଭଲମନ୍ଦ ବିଚାର କରି ନାହାନ୍ତି, ସେମାନେ ଏବେ ଆଉ କ'ଣ ଭାବିବେ ।ଦୁହିଁଙ୍କର ପାଦ ସବୁ ସୀମା ଡେଇଁ ଯାଇଛି ।

ଏବେ ସେ ସଂପର୍କର ମାନେ କିଛି ନାହିଁ ତଥାପି ଦୁହେଁ ଦୁହିଁଙ୍କର ଛାୟା ହୋଇ ରହିଛନ୍ତି ।

ବାପା ମା' ଦୁଇ ଭାଇ,ଦୁଇ ଭଉଣୀଙ୍କୁ ନେଇ ଥିଲା ଏକ ସୁଖର ସଂସାର ।

ବାପା ଚାକିରି କରି ପିଲାଙ୍କୁ ଭଲ ମଣିଷ କରିବାର ସ୍ୱପ୍ନ ଦେଖୁଥିଲେ ।ମା' ପିଲାମାନଙ୍କର ଯାବତୀୟ ଅଳିଅଝଟ ବୁଝି ତାଙ୍କୁ ସବୁବେଳେ ଖୁସିରେ ରଖୁଥିଲେ । ପିଲାମାନେ ପାଠ ପଢ଼ାରେ କେହି କାହାକୁ କମ୍ ନଥିଲେ ।

ବଡ଼ ଦୁଇ ଭାଇଭଉଣୀ ଏକା ସହିତ ପଢୁଥିଲେ ।ସ୍କୁଲ ସରିବା ପରେ ଦୁହେଁ ସାଙ୍ଗହୋଇ କଲେଜ ଯା'ନ୍ତି ପଢ଼ିବା ପାଇଁ ।କିନ୍ତୁ କଲେଜରେ ପଢୁଥିବା ସମୟରେ ଦୁଇ ଭାଇଭଉଣୀଙ୍କ ମଧ୍ୟରେ ଅବୈଧ ପ୍ରେମ ସଂପର୍କ ଗଢ଼ି ଉଠିଥିଲା । ଦୁହେଁ ଦୁହିଁଙ୍କ ସହିତ ବିବାହ କରିବାକୁ ନିଷ୍ପତି ନେଇଗଲେ ।ଘରେ କିନ୍ତୁ ଏକଥା କାହାକୁ ଜଣା ନଥିଲା ।

ଏମିତି ଅନେକ ଦିନ ବିତିଯିବା ପରେ,ସାନ ଭଉଣୀ ଏମାନଙ୍କର ସଂପର୍କରେ ଜାଣିବାକୁ ପାଇଲା । ଦୁହିଁଙ୍କର ଏପରି ସଂପର୍କକୁ ସେ ସହି ନପାରି ଆତ୍ମହତ୍ୟା କଲା ।

ସାନ ଝିଅର ଏପରି ନିର୍ଣ୍ଣୟକୁ ଘରେ ବାପା ମା' ସହିପାରିଲେନି ।

ସାନ ଝିଅର ମୃତ୍ୟୁକୁ ନେଇ ବିଭିନ୍ନ ପ୍ରକାରର କଟୁ ସମାଲୋଚନାର ଶିକାର ହେଲେ ।ଧିରେଧିରେ କଥା ପ୍ରଘଟ ହେବାକୁ ଲାଗିଲା ।

ସାନ ପୁଅ ବଡ଼ ଭାଇଭଉଣୀଙ୍କ ଠାରୁ ଅଲଗା ରହିବାକୁ ଲାଗିଲା ।ସୁନାର ସଂସାର କେଇଟା ଦିନରେ ଉଜୁଡ଼ିବାକୁ ଗଲା ।

ବାପା ଅନ୍ୟ ମାନଙ୍କର ପରିହାସ,ଟାହିଟାପରା ସହିପାରିଲେନି । ସବୁବେଳେ ସେଇ ଦୁର୍ଶ୍ଚିନ୍ତାରେ ରହି ମଦ ନିଶାରେ ବୁଡ଼ି ରହିଲେ ।ଘରେ ଆରମ୍ଭ ହେଲା ମହାଭାରତ ।ମା' ମଧ୍ୟ ରକ୍ତଚାପ ରୋଗରେ ମୃତ୍ୟୁବରଣ କଲେ ।

କିଛି ଦିନ ପରେ ବାପାଙ୍କର ମୃତ୍ୟୁ ହୋଇଗଲା ।

ବଡ଼ ପୁଅ ଆଉ କାହାକୁ ବାହା ହେଲା ନାହିଁ କି ବଡ଼ ଝିଅ ମଧ୍ୟ ଅନ୍ୟ କାହାକୁ ବାହାହେଲା ନାହିଁ ।

ଦୁହେଁ ଅନ୍ୟ କାହାକୁ ବା ଅନ୍ୟ କେଉଁଠି ବିବାହ କରିବେ ନାହିଁ ବୋଲି ନିଷ୍ପତି ନେଇଗଲେ ।

ଯେଉଁ ନିଷ୍ପତି ଘରର ମେରୁଦଣ୍ଡକୁ ଦୋହଲାଇ ଦେଲା ।ସେମାନେ ସେମାନଙ୍କର ଭୁଲ୍ ପାଇଁ କେବେ ଅନୁତାପ କଲେ ନା ନିଜକୁ ସୁଧାରି ପ୍ରାୟଶ୍ଚିତ କଲେ ବରଂଚ--- ।

ବଡ଼ ପୁଅ ଚାକିରିରୁ ଅବସର ନେବାପରେ ଦୁହେଁ ଏକାଠି ରହୁଛନ୍ତି । ବଡ଼ ଝିଅ ନିୟମ ଦୃଷ୍ଟିରୁ ଯେହେତୁ ଅବିବାହିତା ତେଣୁ ବାପାଙ୍କର ଅବସରକାଳୀନ ରାଶି ମଧ୍ୟ ସେ ପାଉଛି ।

ସେମାନଙ୍କର ଭୁଲ୍ ଲାଗି ସାନ ଭାଇ ସେମିତି ଏକୁଟିଆ ନିଃସଙ୍ଗ ଜୀବନ ନେଇ ବଂଚି ରହିଛି ।

*ବାରିପଦା,ମୟୂରଭଞ୍ଜ*
*ମୋ: ୮୯୧୭୫୭୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Suday November 23 ଭୁବନେଶ୍ୱର ରବିବାର, ୨୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କୋଣାର୍କ ଥାନା ରଇତିସାହି ଖେଳ ପଡିଆରୁ ଯୁବକର ଅର୍ଦ୍ଧ ଦଗ୍ଧ ମୃତ ଦେହ ଉଦ୍ଧାର

କୋଣାର୍କ,(ପି.ଏନ): କୋଣାର୍କ ଥାନା ଅଧିନସ୍ଥ କୁରୁଜଙ୍ଗ ଗ୍ରାମପଂଚାୟତର ରଇତିସାହି ଗ୍ରାମର ଖେଳ ପଡିଆରୁ କୋଣାର୍କ ଥାନା ପୋଲିସ ଏକ ଅଜଣା ଯୁବକର ଅର୍ଦ୍ଧ ଦଗ୍ଧ ମୃତ ଦେହ ଉଦ୍ଧାର କରିବା ସହ ଘଟଣା ସ୍ଥଳରେ ପୋଲିସ ଓ ସାଇନଟିଫିକ ଟିମ ଛାନଭିନ ଆରମ୍ଭ କରିଛି । ଖବରରୁ ପ୍ରକାଶ ଯେ କୋଣାର୍କ ଥାନା ଅଧିନସ୍ଥ ରଇତିସାହି ଗ୍ରାମର ଖେଳ ପଡିଆରେ ଜଣେ ଅଜଣା ଯୁବକର ଅର୍ଦ୍ଧ ଦଗ୍ଧ ମୃତ ଦେହ ପଡିଥିବା ନେଇ ସ୍ଥାନୀୟ ଅଂଚଳର ଜନସାଧାରଣ ଘଟଣା ସମ୍ପର୍କରେ କୋଣାର୍କ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚ଼ନ୍ଦ୍ର ସେଠୀ ଓ ଥାନାର ଅନ୍ୟ ପୋଲିସ ଅଧିକାରୀ ମାନେ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଘଟଣା ସମ୍ପର୍କରେ ନିମାପଡ଼ା ଏସଡିପିଓ ଶ୍ରୀ ପାଢୀ ପୁରୀ ସ୍ଥିତ ସାଇନଟିଫିକ ଟିମକୁ ଖବର ଦେବା ପରେ ସାଇନଟିଫିକ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ସାଇନଟିଫିକ୍ ଟିମ ରଇତିସାହି ଖେଳ ପଡିଆରେ ପଡିଥିବା ଅର୍ଦ୍ଧ ଦଗ୍ଧ ଅଜଣା ବ୍ୟକ୍ତିର ମୃତ ଦେହର ଛାନଭିନ କରିବା ସହ ମୃତ ଦେହ ନିକଟରେ ପଡିଥିବା ରକ୍ତ ଛିଟା, ଚ଼ପଲ, ପୋଡି ଯାଇଥିବା ପ୍ୟାଂଟ ଓ ସାର୍ଟର ପ୍ରମାଣିକ ଫଟୋ ଚ଼ିତ୍ର ଉଠାଇଥିଲେ ।କିଏ କେଉଁ ପରିସ୍ଥିତିରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଛି ଓ କେଉଁ କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଛି କୋଣାର୍କ ପୋଲିସ ଏହାର ଛାନଭିନ ଆରମ୍ଭ କରିଛି ।ଏହା ଏକ ବର୍ବରତା ପୂର୍ଣ୍ଣ ହତ୍ୟା କାଣ୍ଡ ବୋଲି ସାଧାରଣରେ ଆଲୋଚ଼ନା ହେଉଛି । ମୃତ ଯୁବକଟିର ପରିଚ଼ୟ ଅସ୍ପଷ୍ଟ ଥିବା ବେଳେ ଏଭଳି ଅଭାବନୀୟ ବର୍ବରତା ପୂର୍ଣ୍ଣ ହତ୍ୟା କାଣ୍ଡ କିଏ ଘଟାଇଛି ଏଥିରେ ଏକାଧିକ ବ୍ୟକ୍ତି ସଂପୃକ୍ତ ଥିବା ନେଇ ଚ଼ର୍ଚ୍ଚା ଚ଼ାଲିଥିବା ବେଳେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଥିଲା ବେଳେ ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି । ସାଇନଟିଫିକ୍ ଟିମ୍ ଘଟଣା ସ୍ଥଳରେ ବିଭିନ୍ନ ପ୍ରମାଣିକ ତଥ୍ୟ ସଂଗ୍ରହ କରି ଥିବା ବେଳେ ଏହି ତଥ୍ୟ ଆଧାରରେ ପରୀକ୍ଷା ନିରୀକ୍ଷା କରିବା ପାଇଁ ଫରେନସିକ ଲାବୋରଟୋରୀକୁ ପଠାଇଛି ।କୋଣାର୍କ ପୋଲିସ ଅର୍ଦ୍ଧ ଦଗ୍ଧ ଯୁବକର ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟକୁ ପଠାଇଥିବା ଜଣାପଡିଛି । ଦୃବର୍ତ ମାନେ ଯୁବକଟିକୁ ମାରି ରଇତିସାହି ଖେଳ ପଡିଆରେ ପୋଡି ମାରିଥିବା ସାଧାରଣରେ ଆଲୋଚ଼ନା ହେଉଛି । ଅର୍ଦ୍ଧ ଦଗ୍ଧ ଯୁବକର ଶରୀରର ୮୦ ଭାଗ ପୋଡି ଯାଇଥିବା ବେଳେ ମୁହଁକୁ ଦୃବର୍ତ୍ତ ମାନେ ବିବର୍ଣ୍ଣ କରି ପୋଡି ଦେଇଥିବାରୁ ଯୁବକକୁ ଚ଼ିହ୍ନଟ କରିବାରେ ସହଜସାଧ ହେଉ ନ ଥିଲା ବେଳେ ମୃତ ଯୁବକଙ୍କ ଘର କେଉଁଠି, କେଉଁ କାରଣ ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟିଛି ଫରେନସିକ ରିପୋର୍ଟ, ଶବବ୍ୟବଛେଦ ରିପୋର୍ଟ ଓ ଭିସେରା ରିପୋର୍ଟ ଆସିଲେ ଏଭଳି ଜଘନ୍ୟ ଅପରାଧିକ ଘଟଣାର ପର୍ଦ୍ଦାଫାସ ହେବ ବୋଲି ବୁଦ୍ଧିଜୀବି ଓ ଜନସାଧାରଣ ମହଲରେ ଚ଼ର୍ଚ୍ଚା ଜୋର ଧରିଛି । ଏ ନେଇ କୋଣାର୍କ ଥାନା ପୋଲିସ ପକ୍ଷରୁ ୨୪୨/୨୫ରେ ଏକ ମାମଲା ରୁଜୁ ହୋଇଛି । ଏ ସମ୍ପର୍କରେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କୁ ପଚ଼ାରିବାରେ ସେ କୁହନ୍ତି ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟକୁ ପଠାଯାଇଛି ।ସାଇନଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହ ସଂଗୃହିତ ପ୍ରାମାଣିକ ତଥ୍ୟ ସଂଗ୍ରହ କରାଯାଇ ପରୀକ୍ଷା ନିରୀକ୍ଷା ପାଇଁ ଫରେନସିକ ଲାବୋରଟୋରୀକୁ ପଠା ଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଫରେନସିକ ରିପୋର୍ଟ ଆସିଲେ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପ୍ରକାଶ କରିଛନ୍ତି । ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ଅନୁମାନ କରାଯାଉଛି । ଏହି ଘଟଣାକୁ ନେଇ କୋଣାର୍କ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ପ୍ରକ୍ରିୟା ଜୋରଦାର କରୁଥିବା ବେଳେ ଖୁବଶୀଘ୍ର ଏଭଳି ବର୍ବୋରଚ଼ିତ ଘଟଣାର ସତ୍ୟତା ଉନ୍ମୋଚ଼ିତ ହେବ ବୋଲି କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚ଼ନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

# କିମସ ଜାତୀୟ ସମ୍ମିଳନୀ ୨୦୨୫

## ଡା ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ 'ହିରୋ' ପୁରସ୍କାର



ଭୁବନେଶ୍ୱର,(ପି.ଏନ): କିମସ ଜାତୀୟ କନକ୍ଲେଭର ଦ୍ୱିତୀୟ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି । ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଚିକିତ୍ସା, ଜନସ୍ୱାସ୍ଥ୍ୟ, ଜୈବଚିକିତ୍ସା ନବସର୍ଜନା, ସ୍ୱାସ୍ଥ୍ୟସେବା ନୀତି ଏବଂ ଚିକିତ୍ସା ଶିକ୍ଷା ଆଦି କ୍ଷେତ୍ରରୁ ଭାରତର ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଓ ବିଶେଷଜ୍ଞ ଯୋଗ ହୋଇଥିଲେ । ଚଳିତବର୍ଷ ସମ୍ମଳନୀର ବିଷୟବସ୍ତୁ ଥିଲା- 'ନିଉଅର ହରିଜନସ, ନିଉଅର କନସେପ୍ଟସ, ନିଉଅର ଇନୋଭେସନସ' । ଏହି କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବାର ଅନ୍ୟାନ୍ୟ କ୍ଷେତ୍ରର ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଯୋଗ ଦେଇଥିଲେ । ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଂଚାଇବା, ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା, ଗବେଷଣା ଲବଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ, ସ୍ଥାନୀୟ ସମ୍ବଳ ଏବଂ କମ ଖର୍ଚ୍ଚରେ କିପରି ଗବେଷଣା କରାଯାଇପାରିବ, ସାଧାରଣ ଲୋକଙ୍କୁ କମ ଖର୍ଚ୍ଚରେ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦେବା ବିଷୟରେ ବିଶେଷଜ୍ଞମାନେ ସେମାନଙ୍କ ମତ ପ୍ରଦାନ କରିଥିଲେ । ଏହା ବ୍ୟତୀତ ଚିକିତ୍ସା କ୍ଷେତ୍ରରେ ନବସର୍ଜନା, କୋଷୀୟ ବିଜ୍ଞାନ ଏବଂ କ୍ଲିନିକାଲ୍ ବିଜ୍ଞାନକୁ ଗବେଷଣା ମାଧ୍ୟମରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ଦିଗରେ ଏକତ୍ରିତ ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଅଂଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା ଶିବାନନ୍ଦ ମହାନ୍ତିଙ୍କୁ କିମସ ପକ୍ଷରୁ ପ୍ରଥମ 'ହେଲଥ ଏମପାୱାରମେଂଟ ଇନ ରୁରାଲ ଓଡ଼ିଶା' (ହିରୋ) ପୁରସ୍କାର ପ୍ରଦାନ କରାଯାଇଥିଲା । ଡା ମହାନ୍ତିଙ୍କ ନିରନ୍ତର କ୍ଷେତ୍ର ସମ୍ପର୍କ, ଜନକେନ୍ଦ୍ରିତ ହସ୍ତକ୍ଷେପ ଓ ଦୀର୍ଘକାଳୀନ ପ୍ରତିବଦ୍ଧତା ଓଡ଼ିଶାର ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସହାୟକ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ଆଇସିଏମଆରର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା ରାଜୀବ ବାହାଲ, ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତିକରଣ ଓ ଗବେଷଣା ଜନିତ କ୍ଲିନିକାଲ୍ ଅଭ୍ୟାସର ଭବିଷ୍ୟତ ଉପରେ ମତ ରଖିଥିଲେ । କିଟ, କିସ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, କିମସ ମୁଖ୍ୟତଃ ଗରିବ ଲୋକଙ୍କ ସେବା ପାଇଁ କାମ କରୁଛି । ଓଡ଼ିଶାର ଗ୍ରାମାଂଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମସ ତାର ପ୍ରୟାସ ଜାରି ରଖିଛି ବୋଲି ଶ୍ରୀ ସାମନ୍ତ କହିଥିଲେ । ସେହିପରି କିଟ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ଚିକିତ୍ସା ଗବେଷଣା କିମସ ମିଶନର କେନ୍ଦ୍ରବିନ୍ଦୁ ବୋଲି କହିଥିଲେ । ଗବେଷଣା ଲଧ ଜ୍ଞାନ କିପରି ଲୋକଙ୍କ ନିକଟରେ ପହଂଚି ପାରିବ ତାହା ଆମର ଦାୟିତ୍ୱ । କେବଳ ଚିକିତ୍ସା କରିବା ନୁହେଁ ବରଂ ଏହି ଜ୍ଞାନକୁ ଉପଯୋଗ କରି ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରାଯାଇପାରିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆପୋଲୋ କର୍କଟ କେନ୍ଦ୍ର ହେମାଟୋ-ଅଙ୍କୋଲୋଜି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବିଭାଗୀୟ ମୁଖ୍ୟ ଡା ଭେଲୁ ନାୟାର, ଚେନ୍ନାଇସ୍ଥିତ ଏମଜିଏମ ସ୍ୱାସ୍ଥ୍ୟ ସେବାର ହୃଦ୍ ଏବଂ ଫୁସଫୁସ୍ ପ୍ରତିରୋପଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା କେ. ଆର. ବାଲକୃଷ୍ଣନ୍, ମୋହନ ଫାଉଣ୍ଡେସନର ପ୍ରତିଷ୍ଠାତା ଡା ସୁନୀଲ ଶ୍ରଫ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ଡାଇଜେଷ୍ଟିଭ୍ ସାଇନ୍ସେସ୍‌ର ପ୍ରଫେସର ଅଭିଜିତ ଚୌଧୁରୀ, ପବ୍ଲିକ୍ ହେଲଥ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ସଭାପତି ଡା କେ. ଶ୍ରୀନାଥ ରେଡ୍ଡୀ, ସେଂଟର ଫର ବାୟୋମେଡିକାଲ୍ ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଆଲୋକ ଧାୱନ, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମସ ମହାନିର୍ଦ୍ଦେଶକ ଡା ଅଜିତ ମହାନ୍ତି, କିମସ ମେଡିକାଲ ଅଧକ୍ଷ ପ୍ରଫେସର ଆର ସି ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

# ଇଫକୋ ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର

ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ବିଶ୍ୱର ସର୍ବବୃହ ଫସଫେଟିକ୍ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର(ପ୍ଲାଟିନମ୍ ବର୍ଗ)ହାସଲ କରିଛି । ଭରବଙ୍କନଶ୍ୱରଠାରେ ଅନୁଷ୍ଠିତ ୧୬ତମ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୫ରେ ଇଫକୋ ପାରାଦୀପ ୟୁନିଟ୍‌କୁ ଏହା ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉତ୍କର୍ଷ ପୁରସ୍କାର (ପ୍ଲାଟିନମ୍ ବର୍ଗ) ହାସଲ କରି ପୁର୍ନବାର ଶିଳ୍ପ ଉତ୍କର୍ଷତାର ଏକ ମାନଦଣ୍ଡ ସ୍ଥାପନ କରିଛି । ଭୁବନେଶ୍ୱରର ଗୁଣବ । ଏବଂ ପରିବେଶ ପରିଚାଳନା ସେବା ପ୍ରତିଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବାରେ ପାରଦୀପ ୟୁନିଟ୍‌ର ଉଦାହରଣ ସଫଳତାକୁ ସ୍ୱୀକୃତି ଦିଏ, ଯାହା ପ୍ଲାଣ୍ଟ ପରିଚାଳନାରେ ସର୍ବୋଚ୍ଚ ମ ଶ୍ରେଣୀର ସୁରକ୍ଷା ଅଭ୍ୟାସ ପ୍ରତି ଏହାର ଦୃଢ ପାଳନକୁ ପ୍ରତିଫଳିତ କରେ । ଇଫକୋ ପାରାଦୀପ ବୃହ ଶିଳ୍ପ ବର୍ଗ ଏବଂ ସମସ୍ତ ପ୍ରମୁଖ ଦୂର୍ଘଟଣା ବିପଦ ଶିଳ୍ପ ମଧ୍ୟରେ ସର୍ବୋଚ୍ଚ ସ୍ତରର ସୁରକ୍ଷା ମାନଦଣ୍ଡ ପ୍ରଦର୍ଶନ କରିଛି । ୟୁନିଟ୍ ହେଡ୍ ତଥା ପ୍ଲାଣ୍ଟ ମୁଖ୍ୟ ପି.କେ.ମହାପାତ୍ରଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରି ପାରିଛି ପାରାଦୀପ ୟୁନିଟ୍ । ନଭେମ୍ବର ମାସ ୧୯ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ କନକ୍ଲେଭରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପିତ ସୁରମା ପାଢୀଙ୍କ ଠାରୁ ଇଫକୋ ଯୁଗ୍ମ ମହାପ୍ରବନ୍ଧକ(ଅଗ୍ନି ଏବଂ ସୁରକ୍ଷା) ରଂଜିତ କୁମାର ସ୍ୱାଇଁ , ଡକ୍ଟର ରବିନାରାୟଣ ବେହେରାଙ୍କ ଉପସ୍ଥିତିରେ ଏହି ସମ୍ମାନ ଗ୍ରହଣ କରିଥିଲେ ।

# ଦ ୱେଲ୍‌ଥ କମ୍ପାନୀ ମ୍ୟୁଚୁଆଲ ଫଣ୍ଡର ନୂଆ ଫଣ୍ଡ ଅଫର ଉନ୍ମୋଚ଼ିତ



ଭୁବନେଶ୍ୱର,(ପି.ଏନ) : ପାଂଟୋମାଥ୍ ଫାଇନାନ୍ସିଆଲ ସର୍ଭିସେସ ଗ୍ରୁପ ଅଧିନରେ ଥିବା ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଏଏମ୍ସି, ଦ ୱେଲ୍ଥ କମ୍ପାନୀ ଆସେଟ ମ୍ୟାନେଜମେଂଟ ହୋଲ୍ଡିଂସ ପ୍ରାଇଭେଟ ଲିମିଟେଡ ପକ୍ଷରୁ 'ଦ ୱେଲ୍ଥ କମ୍ପାନୀ ମଲ୍ଟି ଆସେଟ ଆଲୋକେଶନ ଫଣ୍ଡ୍'ର ଶୁଭାରମ୍ଭ କରାଯାଇଛି । ଏହି ମଲ୍ଟି-ଆସେଟ ଫଣ୍ଡ ସକ୍ରିୟ ଭାବେ ଇକ୍ୱିଟି, ଋଣ ଓ ସାମଗ୍ରୀ ମଧ୍ୟରେ ସନ୍ତୁଳନ ବଜାୟ ରଖିବ । ଏହା ବଜାର ଚ଼କ୍ରଗୁଡିକରେ ଏକ ସ୍ଥିର ଓ ବିବିଧ ପୋର୍ଟଫୋଲିଓ ସୃଷ୍ଟି କରି ନିବେଶକଙ୍କୁ ଦୀର୍ଘକାଳିନ ସମ୍ପତି ସୃଷ୍ଟିରେ ସାହାଯ୍ୟ କରିବ । ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ନଭେମ୍ବର ୧୯ ତାରିଖ ୨୦୨୫ରେ ଖୋଲିବ ଏବଂ ଡିସେମ୍ବର ୩ ତାରିଖ ୨୦୨୫ରେ ବନ୍ଦ ହେବ । ଏହି ଫଣ୍ଡ ଏକ ସକ୍ରିୟ ଆବଂଟନ ଢାଂଚ଼ାର ଅନୁସରଣ କରୁଛି ଯାହା ବିବିଧତା ଓ ମୁଦ୍ରାସ୍ଫୀତି ପ୍ରଭାବରୁ ସୁରକ୍ଷା ପାଇଁ ସୁନା ଓ ରୁପା ଭଳି ଧାତୁ, ସମ୍ଭାବ୍ୟ ସ୍ଥିରତା ପାଇଁ ସ୍ଥାୟୀ ଆୟ ଓ ଦୀର୍ଘାବଧି ସମ୍ପତି ସୃଷ୍ଟି ପାଇଁ ଇକ୍ୱିଟିକୁ ମିଶ୍ରଣ କରୁଛି । ଏହାର ହାଇବ୍ରିଡ-ଭଳି ଢାଂଚ଼ା ଏହି ଫଣ୍ଡକୁ ପୃଥକ କରୁଛି ଯାହା ଏକ ଅନୁକୂଳ ଟିକସ ଢାଂଚ଼ାରୁ ଲାଭାନ୍ୱିତ ହେବା ସହ ବିଭିନ୍ନ ସମ୍ପତି ଶ୍ରେଣୀରେ ଦକ୍ଷତାର ସହ ଆଗକୁ ବଢିବା ପାଇଁ ବ୍ୟାପକ ସୁଗମତା ପ୍ରଦାନ କରିଥାଏ । ଏହି ଅବସରରେ ୱେଲ୍ଥ କମ୍ପାନୀ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ଶ୍ରୀଯୁକ୍ତ ଲିଙ୍ଗରାଜ ମହାନ୍ତିଙ୍କୁ କମ୍ପାନୀର ଆଂଚ଼ଳିକ ବିକ୍ରୟ ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି ।ଏହି ଏନଏଫଓର ଶୁଭାରମ୍ଭ ସମ୍ପର୍କରେ ବର୍ଣ୍ଣନା କରି ଦ ୱେଲ୍ଥ କମ୍ପାନୀ ମ୍ୟୁଚୁଆଲ ଫଣ୍ଡର ମୁଖ୍ୟ ରଣନୀତି ଅଧିକାରୀ ଶ୍ରୀ ଦେବାଶିଷ ମହାନ୍ତି କହିଛନ୍ତି, "ୱେଲ୍ଥ କମ୍ପାନୀ ମ୍ୟୁଚୁଆଲ ଫଣ୍ଡରେ ଆମେ ବିଶ୍ୱାସ କରିଥାଉ ଯେ, ସମ୍ପତ ଆବଂଟନ ଦୀର୍ଘକାଳିନ ସମ୍ପତି ସୃଷ୍ଟି ଓ ସଂରକ୍ଷଣର ଭିତିପ୍ରସ୍ତର ଅଟେ । ଆମର ମଲ୍ଟି-ଆଲୋକେଶନ ଫଣ୍ଡ ଏଭଳି ସମୟ-ପରୀକ୍ଷିତ ସମ୍ପତିରେ ନିବେଶ କରିଥାଏ, ଯାହା ଇକ୍ୱିଟି ଓ ଋଣ ଦ୍ୱାରା ସଶକ୍ତ ଅଟେ ଏବଂ ବର୍ତମାନ ଏହାକୁ ଆଧୁନିକ ତରଳତା ସହ ସ୍ଥିର ରିଟର୍ଣ୍ଣ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଥିବା କମର୍ସିଆଲ ରିଅଲ ଇଷ୍ଟେଟ ସହ ଉନ୍ନତ କରାଯାଇଛି ।" ସେହିଭଳି ଦ ୱେଲ୍ଥ କମ୍ପାନୀ ମ୍ୟୁଚୁଆଲ ଫଣ୍ଡର ଡେପୁଟି ସିଇଓ ଶ୍ରୀ ପ୍ରସନ୍ନ ପାଠକ କହିଛନ୍ତି, "ଇକ୍ୱିଟି ଓ ଋଣ ସହ ସାମଗ୍ରୀଗୁଡିକୁ ସେମାନଙ୍କର ଉପଯୁକ୍ତ ସ୍ଥାନ ପ୍ରଦାନ କରି, ଆମେ ବିବିଧତା ନିର୍ମାଣ କରୁଛୁ ଯାହା କେବଳ କାଗଜରେ ନୁହେଁ ବରଂ ବାସ୍ତବରେ କାର୍ଯ୍ୟ କରିଥାଏ । ଫଣ୍ଡ ମଧ୍ୟରେ ସମ୍ପତି ଆବଂଟନ ନମନୀୟତା ଆମକୁ ଋଣର ସମ୍ଭାବ୍ୟ ସ୍ଥିରତା, ସାମଗ୍ରୀଗୁଡିକର ସୁରକ୍ଷା ଦେବାର ପ୍ରକୃତି ଓ ଉତମ ବିପଦ-ନିୟନ୍ତ୍ରିତ ଫଳାଫଳ ସହ ଇକ୍ୱିଟିର ଦୀର୍ଘାବଧି ଅଭିବୃଦ୍ଧି ହାସଲ କରିବାକୁ ଅନୁମତି ଦେଇଥାଏ । ଆମର ଲକ୍ଷ୍ୟ ହେଉଛି ଏଭଳି ପୋର୍ଟଫୋଲିଓ ନିର୍ମାଣ କରିବା ଯାହା ବିଶ୍ୱାସର ସହ ଚ଼କ୍ରଗୁଡିକରେ ପ୍ରଦର୍ଶନ ବଜାୟ ରଖିବ ।"ସାମଗ୍ରୀରେ ୫୦% ପର୍ଯ୍ୟନ୍ତ ଆବଂଟନ ପାଇଁ କ୍ଷମତା ସହିତ ଏହି ଫଣ୍ଡ ମ୍ୟାନେଜରଙ୍କୁ ପରିବର୍ତିତ ବଜାର ସ୍ଥିତି ଉପରେ ଆଧାର କରି ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଅଧିକ ସ୍ୱାଧୀନତା ଦେଇଥାଏ । ଏହା ଏକ ଓପନ-ଏଣ୍ଡେଡ ମଲ୍ଟି ଆସେଟ ଆଲୋକେସନ ଯୋଜନା ଯାହା ଇକ୍ୱିଟି ଏବଂ ଇକ୍ୱିଟି-ସମ୍ବନ୍ଧୀୟ ସିକ୍ୟୁରିଟିଜ୍, ଋଣ ଏବଂ ମୁଦ୍ରା ବଜାର ଉପକରଣ, ସାମଗ୍ରୀ ଇଟିଏଫ ଏବଂ ଏକ୍ସଚେଞ୍ଜ-ଟ୍ରେଡେଡ ସାମଗ୍ରୀ ଡେରିଭେଟିଭ୍ସରେ ନିବେଶ କରେ । ଏହି ଯୋଜନା ନିଫ୍ଟି ୨୦୦ଟିଆରଆଇ (୪୦%), ନିଫ୍ଟି ସ୍ୱଳ୍ପ ଅବଧି ଋଣ ସୂଚ଼କାଙ୍କ (୪୫%), ଘରୋଇ ସୁନା ମୂଲ୍ୟ (୧୦%), ଏବଂ ଘରୋଇ ରୂପା ମୂଲ୍ୟ (୫%) ସହିତ ଏକ ମିଶ୍ରିତ ମାନଦଣ୍ଡ ଅନୁସରଣ କରେ ।

# ଓ.ପି. ଜିନ୍ଦଲ ସ୍କୁଲରେ ୧୧ତମ ବାର୍ଷିକ ପୁସ୍ତକ ମେଳା ଆୟୋଜିତ



ଅନୁଗୁଳ,(ପି.ଏନ):ଅନୁଗୁଳର ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ୨୧ ଏବଂ ୨୨ ନଭେମ୍ବର ଦୁଇ ଦିନ ଧରି ୧୧ତମ ପୁସ୍ତକ ମେଳା ଆୟୋଜିତ ହୋଇଯାଇଛି । ଜ୍ଞାନ ଓ ସୃଜନଶୀଳତାର ଏହି ଉତ୍ସବରେ ନୂଆ ନୂଆ ବହିର ସମାହାର ସହିତ ନୂଆ ଚ଼ିନ୍ତାଧାରା ଓ ଉତ୍ସାହର ଏକ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟିଲ ଅନୁଗୁଳର ଜେନେରାଲ ମ୍ୟାନେଜର(ସିଏସଆର)ଶ୍ରୀଯୁକ୍ତ ଜୟନ୍ତ କୁମାରମହାନ୍ତି ଉଦଘାଟନ କରିଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ, କର୍ମଚ଼ାରୀ ଓ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ ଶିକ୍ଷା, ସାହିତ୍ୟ ଓ ଅଧ୍ୟୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଏହି ପୁସ୍ତକ ମେଳାରେ ଅକ୍ସଫୋର୍ଡ ପ୍ରକାଶନ, ସ୍କଲାଷ୍ଟିକ୍ ଇଣ୍ଡିଆ ଏବଂ ଦି ହିନ୍ଦୁ ଭଳି ଜଣାଶୁଣା ପ୍ରକାଶକଙ୍କ ପୁସ୍ତକ ପ୍ରଦର୍ଶିତ ହୋଇଥିଲା । ଅଧ୍ୟୟନରେ ରୁଚ଼ି ରଖୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ମେଳାରେ ପୁସ୍ତକ ଅନୁସନ୍ଧାନର ପ୍ରଚୁର ବିକଳ୍ପ ଥିଲା ।ଗପ ଏବଂ ପାଠ୍ୟପୁସ୍ତକ ପୁସ୍ତକଠାରୁ ଆରମ୍ଭ କରି ପଜଲ୍, ଷ୍ଟେସନାରୀ ଏବଂ ଆକ୍ଟିଭିଟି ପୁସ୍ତକ ପର୍ଯ୍ୟନ୍ତ, ଏହି ମେଳା, ପ୍ରତ୍ୟେକ ଯୁବ ପାଠକ ତଥା ପୁସ୍ତକ ପ୍ରେମୀଙ୍କ ପାଇଁ କିଛି ନା କିଛି ପ?ିବାର ସୁଯୋଗ ଆଣିଦେଇଥିଲା । ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ, ସମସ୍ତ ଛାତ୍ରଛାତ୍ରୀ, କର୍ମଚ଼ାରୀ ଏବଂ ଅଭିଭାବକମାନଙ୍କୁ ସେମାନଙ୍କ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ଯେ, ପୁସ୍ତକ ମେଳା ସ୍କୁଲର ଶିକ୍ଷାର୍ଥୀମାନଙ୍କ ପାଇଁ ଅଧ୍ୟୟନ ଏବଂ ସୃଜନଶୀଳତାର ବିକାଶ ପାଇଁ ଏକ ସୁଯୋଗ ଆଣିଥାଏ ।ଶିକ୍ଷା, ସାଧନା ଏବଂ ନୂଆ ନୂଆ ବିଷୟରେ ଜ୍ଞାନ ବ?ାଇବା ପାଇଁ ଓ.ପି. ଜିନ୍ଦଲ ସ୍କୁଲ, ସବୁବେଳେ ପ୍ରୟାସ ଜାରି ରହିଛି, ଯାହା ୧୧ତମ ପୁସ୍ତକ ମେଳାର ସଫଳ ଆୟୋଜନରୁ ସ୍ପଷ୍ଟ ବାରି ହୋଇପଡୁଥିଲା । ସ୍କୁଲର ଶିକ୍ଷକ ଓ ସହକର୍ମୀଙ୍କ ସମର୍ଥନ ଏବଂ ପ୍ରୟାସ ବଳରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray